# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25th November - 2024**

**News Editor : *Itishree Singh Rathaur***

**********************************

***PIB***

## ଓଡ଼ିଶା ପର୍ବ-୨୦୨୪

ଓଡ଼ିଶାର ସଂସ୍କୃତି 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସଶକ୍ତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଅନୁଷ୍ଠିତ 'ଓଡ଼ିଶା ପର୍ବ-୨୦୨୪'ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କହିଛନ୍ତି । ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି, ସ୍ଥାପତ୍ୟ ଓ ବିଜ୍ଞାନ ସବୁବେଳେ ସ୍ୱତନ୍ତ୍ର ରହିଆସିଛି । ଏହାକୁ ବିଶ୍ୱରେ ପ୍ରଚାର କରିବାପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ଦେଶର ଖଣି ଓ ଧାତବ ଶକ୍ତିକେନ୍ଦ୍ର ହୋଇଥିବାବେଳେ ଏହାର ବ୍ୟାବସାୟିକ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶାରେ ପୁଞ୍ଜିନିବେଶ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯିବା ସହ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମୋଦି ସରକାରଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ ମନ୍ତ୍ର'ର ଓଡ଼ିଶା ସବୁଠାରୁ ଲାଭାର୍ଥୀ

ରାଜ୍ୟ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନପାଇଁ ଆଗାମୀ ୨୩ ବର୍ଷ ପ୍ରତ୍ୟେକ ନାଗରିକଙ୍କପାଇଁ କର୍ତ୍ତବ୍ୟ ଓ ଦାୟିତ୍ୱ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ ପୂର୍ବ ଭାରତରେ ଓଡ଼ିଶାର ସ୍ଥାନ ପ୍ରଥମ । ରାଜ୍ୟକୁ ମୋଦି ସରକାରଙ୍କ ସମୟରେ ୧୦ ହଜାର କୋଟି ଟଙ୍କାର ରେଳ ଅନୁଦାନ ମିଳିଛି । ରାଜ୍ୟର ଦୁର୍ଗମ ଅଞ୍ଚଳରେ ୫ ହଜାର ୩୩୩ଟି ନୂତନ ମୋବାଇଲ୍ ଟାୱାର ନିର୍ମାଣ କରାଯାଇଛି । ସେହିପରି ରାଜ୍ୟର ୪ଟି ଶିକ୍ଷାନୁଷ୍ଠାନରେ ସେମିକଣ୍ଡକ୍ଟର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

***Desk***

## ସମବୟ ସମ୍ମିଳନୀ-୨୦୨୪

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ଅପରାହ୍ଣରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହେବ । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ । ଭାରତ ପ୍ରଥମ ଥରପାଇଁ ଏହି ସମ୍ମିଳନୀ ଏବଂ ଆଇ.ସି.ଏ.ର ସାଧାରଣ ସଭା ଆୟୋଜନ କରୁଛି । ଏହି ସମ୍ମିଳନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । 'ସମବାୟ ସଂସ୍ଥାଗୁଡ଼ିକ ସମସ୍ତଙ୍କ ପାଇଁ ସମୃଦ୍ଧି ସୃଷ୍ଟି କରିଥା'ନ୍ତି' ଶୀର୍ଷକ ଏହି ସମ୍ମିଳନୀରେ ମିଳିତ ଜାତିସଂଘର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସମବାୟ

ସମିତିଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସୁଯୋଗ ସମ୍ପର୍କରେ ପ୍ୟାନେଲ୍ ଅଧିବେଶନ ଓ କର୍ମଶାଳା ଆୟୋଜିତ ହେବ । ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ୨୫ଟି ଅଧିବେଶନ ରହିଥିବାବେଳେ ୧୦୦ଟି ଦେଶ ଭାଗ ନେଉଛନ୍ତି ।

***Desk***

## ସଂସଦ - ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି। ଏହା ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧବବେଶନରେ ମୋଟ ୧୯ଟି କାର୍ଯ୍ୟଦିବସ ରହିଛି । ଅଧିବେଶନ ପୂର୍ବରୁ ଗତକାଲି ନୂଆଦିଲ୍ଲୀଠାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂସଦର ଉଭୟ ସଦନକୁ ସୁରୁଖୁରୁରେ ପରିଚାଳନା ନେଇ ସବୁ ରାଜନୀତିକ ଦଳର ନେତୃବୃନ୍ଦଙ୍କ ସହ ଆଲୋଚନା ହୋଇଥିଲା ।

***Desk***

## ବିଧାନସଭା ଅଧିବେଶନ

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ

ସାଢ଼େ ୧୦ଟାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଆସନ୍ତା ଡସେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି ।

***Desk***

## ପଟ୍ଟା ବଣ୍ଟନ

ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ଭୂମିହୀନ ପରିବାରଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘରଡିହ ଜମିପଟ୍ଟା ବଣ୍ଟନ କରିଛନ୍ତି । ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଝାରସୁଗୁଡ଼ାର ୭୧ ଓ ଲଖନପୁରର ୪୯ଟି ପରିବାରଙ୍କୁ ଏହି ପଟ୍ଟା ବଣ୍ଟନ କରାଯାଇଛି । ବିକଶିତ ଓଡ଼ିଶା ଓ ଉତ୍କର୍ଷ ଓଡ଼ିଶାର ସ୍ୱପ୍ନ ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

***Desk***

## ପଇତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର କୃଷ୍ଣ ଦଶମୀ ତିଥିରେ ଶ୍ରୀଜୀଉମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଏହି ଗୁପ୍ତନୀତି ସମାପନ କରାଯିବ। ଏ ନେଇ

ପ୍ରାୟ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

***Desk***

## ଲିଙ୍ଗଗତ ହିଂସା ସଚେତନତା

ଉକ୍ତ ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ହିଂସା ଦୂର କରିବାପାଇଁ ଆଜିଠାରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ମହିଳା କର୍ମଚାରୀ ଓ ଶିକ୍ଷାର୍ଥୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ନେଇ ସଚେତନ କରାଯିବ । ଏଥିସହ ଜରୁରୀକାଳୀନ ନମ୍ବର, ମହିଳା ହେଲ୍‌ପଲାଇନ୍, ଚାଇଲ୍ଡ ହେଲ୍‌ପ୍‌ଲାଇନ ନମ୍ବରର ତ୍ୱରିତ ବ୍ୟବହାର ସମ୍ପର୍କରେ ଅବଗତ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ।

***Desk***

## ପାଣିପାଗ

ଭାରତ ମହାସାଗର ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବଳୟ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଜି ସକାଳ ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା

ବୁଧବାରଠାରୁ ତିନି ଦିନ ଧରି ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଅନ୍ୟପକ୍ଷରେ ରାଜ୍ୟରେ ଶୀତଲହରୀ ଜାରି ରହିଛି ।

*****